# ନବମ ପାଠ


## ବସ୍ତୁ




ଚିତ୍ରରେ ଥିବା କେଉଁ କେଉଁ ଜିନିଷ ତୁମ ଘରେ ଅଛି ସେଗୁଡ଼ିକର ନାମ ଲେଖ ।

ତୁମ ଘରେ ଥିବା ଜିନିଷ ଯାହା ଏ ଚିତ୍ରରେ ନାହିଁ ସେଗୁଡ଼ିକର ନାମ ଲେଖ ।

ତୁମ ଅଞ୍ଚଳରେ ମିଳୁଥିବା ବିଭିନ୍ନ ବସ୍ତୁର ନାମ, ତାହାର ରଙ୍ଗ ଅନୁଯାୟୀ ତଳେ ଥିବା ଗୋଲେଇ ଚାରିପଟେ ଲେଖ ।






ଗୋଟିଏ ଗ୍ଲାସରେ ପାଣି ଓ ଗୋଟିଏ ଗ୍ଲାସରେ କ୍ଷୀର ଦିଆଯାଇଛି । ତୁମେ କିପରି ଦେଖିକରି ଜାଣିବ କେଉଁ ଗ୍ଲାସରେ କ୍ଷୀର ଓ କେଉଁ ଗ୍ଲାସରେ ପାଣି ଅଛି ?

ବସ୍ତୁ ବିଭିନ୍ନ ରଙ୍ଗର ହୋଇଥାଏ । ରଙ୍ଗ ଦେଖି କେତେକ ବସ୍ତୁକୁ ଚିହ୍ନି ହୁଏ । **ରଙ୍ଗ ବସ୍ତୁର ଏକ ଗୁଣ ।**

ତୁମେ ଗୋଟିଏ କଲରା ଓ ଗୋଟିଏ ଟମାଟୋକୁ ହାତରେ ଛୁଅଁ । କେଉଁଟି ହାତକୁ କିପରି ଲାଗିଲା ?

ତାଲିକା କରି ତଳ ସାରଣୀରେ ଲେଖ ।

| କଲରା ପରି **ଖଦଡ଼ା** ଲାଗୁଥିବା ଜିନିଷ | ଟମାଟୋ ପରି **ଚିକ୍‌କଣ** ଜିନିଷ |
|---|---|
| | |

ଟମାଟୋକୁ ଛୁଇଁଲେ ହାତକୁ ଯେପରି ଲାଗେ, ସେହିପରି ଲାଗୁଥିବା ଜିନିଷଗୁଡିକୁ **ଚିକ୍କଣ** ଓ କଲରା ହାତକୁ ଯେପରି ଲାଗେ, ସେହିପରି ଲାଗୁଥିବା ଜିନିଷଗୁଡିକୁ **ଖଦଡ଼ା** ଜିନିଷ ବୋଲି କୁହାଯାଏ।

ମଝି ବାକ୍ସରେ କେତେଗୁଡିଏ ଜିନିଷର ନାମ ଲେଖାଯାଇଛି। ସେଥିମଧ୍ୟରୁ ଯେଉଁଗୁଡ଼ିକ ଖଦଡ଼ା ସେଗୁଡ଼ିକୁ କଲରା ଘରେ ଓ ଯେଉଁଗୁଡ଼ିକ ଚିକ୍କଣ ସେଗୁଡ଼ିକୁ ଟମାଟୋ ଘରେ ଲେଖ।

| କଲରା | | ଟମାଟୋ |
|---|---|---|
| | ବେଲୁନ୍, ମିଶ୍ରି, ବାଲି, ପାଉଡ଼ର କାଙ୍କଡ଼, ଖମ୍ବଆଳୁ, ବେସନ, ସାବୁନ୍, ମାଙ୍କଡ଼ା ପଥର, ଟାଇଲ, ଦର୍ପଣ, କାଚଗୋଲି, ସୋରିଷ ତେଲ, ଶିଳ, ଶିଳପୁଆ, ଚକିପେସା, ଲହୁଣୀ, ଲୁଣ, ବେଲ, କମଳା, ଚିନି, ଇଟା, କାକୁଡ଼ି, ବଲ୍ | |

ବସ୍ତୁଟି ଖଦଡ଼ା ବା ଚିକ୍କଣ ଜାଣିବା ପାଇଁ ବସ୍ତୁ ଉପରେ ଆଙ୍ଗୁଳି ଚଳାଇ ଅନୁଭବ କରିବାକୁ ହେବ। **ଖଦଡ଼ା ବା ଚିକ୍କଣ ଲାଗିବା ବସ୍ତୁର ଆଉ ଏକ ଗୁଣ**। ଏହି ଗୁଣ ଅନୁସାରେ ବସ୍ତୁ ଦୁଇ ପ୍ରକାରର- **ଚିକ୍କଣ ବସ୍ତୁ ଓ ଖଦଡ଼ା ବସ୍ତୁ।**

ନିମ୍ନ କୋଠରୀରେ କେତୋଟି ଖଦଡା ବସ୍ତୁ ଓ ଚିକ୍ଣ ବସ୍ତୁର ଚିତ୍ର ସଂଗ୍ରହ କରି ଲଗାଅ।

**ନରମ** ଓ **ଟାଣ** ଲାଗିବା ବସ୍ତୁର ଆଉ ଏକ **ଗୁଣ** । ଏହି ଗୁଣ ବା ଧର୍ମ ଅନୁସାରେ ବସ୍ତୁଗୁଡ଼ିକ ଦୁଇ ପ୍ରକାରର । ଯଥା **ଟାଣ ବସ୍ତୁ** ଓ **ନରମ ବସ୍ତୁ ।**

ଚାଉଳ, ପଥର, ଛେନା, ତୁଳା, ଇଟା, କାଚଗୋଲି, ଫୁଲ, ସ୍ପଞ୍ଜ, ଗହମ, କାଠ, ଚକଟା ଅଟା, କାଦୁଅ, ଆଳୁ, ନଡ଼ିଆ ମଧ୍ୟରୁ କେଉଁଗୁଡ଼ିକ ନରମ ଓ କେଉଁଗୁଡ଼ିକ ଟାଣ ତଳେ ଖାଲିଘରେ ଲେଖ ।

| ନରମ ବସ୍ତୁ | ଟାଣ ବସ୍ତୁ |
|---|---|
| | |

ତୁମ ପରିବେଶରେ ଦେଖୁଥିବା ଜିନିଷଗୁଡ଼ିକ ମଧ୍ୟରୁ କେଉଁଟି ନରମ ଓ କେଉଁଟି ଟାଣ ତାଲିକା କର ।

| ନରମ ବସ୍ତୁ | ଟାଣ ବସ୍ତୁ |
|---|---|
| | |

**ଶିକ୍ଷକଙ୍କ ପାଇଁ ସୂଚନା** - ପ୍ରତ୍ୟେକ ପିଲା ବ୍ୟକ୍ତିଗତ ଭାବରେ ତାଲିକା କରିସାରିବା ପରେ ଦଳରେ ବସି ଆଲୋଚନା କରିବେ । ପ୍ରତି ଦଳରୁ ଜଣେ ଲେଖାଏଁ ତାଲିକା ପଢ଼ିବେ । ଆବଶ୍ୟକସ୍ଥଳେ ସଂଶୋଧନ କରିବେ ।

## ଅଭ୍ୟାସ

୧. ଯେଉଁଗୁଡ଼ିକର ରଙ୍ଗ ସମାନ, ସେଗୁଡ଼ିକୁ ଯୋଡ଼ ।

| | |
|---|---|
| ଆକାଶ | ମୁଣ୍ଡବାଳ |
| ପତ୍ର | କନିଅରଫୁଲ |
| ହଳଦୀବସନ୍ତ | ଶୁଆ |
| କୋଇଲି | ଚୁନ |
| ବଗ | ଗହମ |
| | ସମୁଦ୍ର |

୨. ତଳେ ଦିଆଯାଇଥିବା ସୂଚନା ଅନୁଯାୟୀ ବସ୍ତୁର ନାମ ଲେଖ ।

(କ) ତିନୋଟି ଖଦଡ଼ା ଓ ତିନୋଟି ଚିକ୍କଣ ବସ୍ତୁ

(ଖ) ତିନୋଟି ନରମ ଓ ତିନୋଟି ଟାଣ ବସ୍ତୁ



### ତୁମ ପାଇଁ କାମ -

୧. ତୁମେ ମାଟିକୁ ପାଣିରେ ଚକଟ ଓ ଏହି ଚକଟା ମାଟିରୁ ତୁମ ପସନ୍ଦର ଗୋଟିଏ ଖଦଡ଼ା ଓ ଗୋଟିଏ ଚିକ୍କଣ ଜିନିଷ ତିଆରି କରି ସେଥିରେ ରଙ୍ଗ ଦିଅ ।

୨. ସଂଗ୍ରହ କର ଓ ସାଇତି ରଖ ।

(କ) ବିଭିନ୍ନ ରଙ୍ଗର ପକ୍ଷୀର ପର ଖାତାରେ ଅଠା ସାହାଯ୍ୟରେ ଲଗାଅ । ତଳେ ତାହାର ରଙ୍ଗ ଓ ତାହା କେଉଁ ପକ୍ଷୀର ପର ଲେଖ ।

(ଖ) ବିଭିନ୍ନ ରଙ୍ଗର ମଞ୍ଜି ଅଲଗା ଅଲଗା ଛୋଟ ଛୋଟ ଜରିରେ ଭର୍ତ୍ତିକର । କାଗଜରେ ମଞ୍ଜିର ନାମ ଲେଖି ଜରି ଭିତରେ ରଖ ଓ ଜରିର ମୁହଁକୁ ବନ୍ଦ କର ।

# ଜଳ

ତୁମେ ନିଜେ ସକାଳୁ ରାତି ପର୍ଯ୍ୟନ୍ତ ଜଳକୁ କେଉଁ କେଉଁ କାମରେ ବ୍ୟବହାର କର ତଳେ ଲେଖ।

................................ ................................ ................................ ................................

................................ ................................ ................................ ................................

................................ ................................ ................................ ................................

ତୁମ ଘରେ ଆଉ କେଉଁ କେଉଁ କାମରେ ଜଳ ବ୍ୟବହାର କରାଯାଏ, ଲେଖ ।

................................ ................................ ................................ ................................

................................ ................................ ................................ ................................



ଜଳର ଅନ୍ୟାନ୍ୟ ବ୍ୟବହାରଗୁଡ଼ିକୁ ଚିତ୍ର ଦେଖି ଲେଖ। ________________________________

________________________________________________________________

## ଜଳକୁ ପ୍ରାଣୀ ଓ ଉଦ୍ଭିଦ ଉଭୟ ବ୍ୟବହାର କରିଥାଆନ୍ତି ।

**ଆମ ଶରୀର ଓଜନର ପ୍ରାୟ ୭୦ ଭାଗ ହେଉଛି ଜଳ ।** ତରଳଝାଡ଼ା ହେଲେ ଦେହରୁ ଜଳୀୟ ଅଂଶ କମିଯାଏ । ଏଣୁ ସେ ସମୟରେ ଅଧିକ ପାଣି ପିଇବାକୁ ଦିଆଯାଏ ।

**ପରୀକ୍ଷାଟିଏ କର**


ଦୁଇଟି ମାଟିକୁଣ୍ଡ ନିଅ । ପ୍ରତ୍ୟେକରେ ଗୋଟିଏ ଗୋଟିଏ ଛୋଟ ଗଛ ଲଗାଅ । ଗୋଟିଏ କୁଣ୍ଡରେ ପ୍ରତିଦିନ ପାଣିଦିଅ, ଅନ୍ୟଟିରେ ପାଣି ଦିଅ ନାହିଁ । ଦୁଇ ତିନିଦିନ ପରେ ଦେଖିବ ପାଣି ପାଉଥିବା ଗଛଟି ସତେଜ ଅଛି ଓ ବଞ୍ଚିଛି । କିନ୍ତୁ ପାଣି ନ ପାଇଥିବା କୁଣ୍ଡର ଗଛଟି ଝାଉଁଳି ପଡ଼ି ମରିଯାଇଛି । ଏଥିରୁ କ'ଣ ଜାଣିଲ ? ଗଛ ପାଣି ନ ପାଇଲେ ବଞ୍ଚିବ ନାହିଁ । ସେହିପରି ପ୍ରାଣୀମାନେ ମଧ୍ୟ ଜଳ ନ ପାଇଲେ ବଞ୍ଚି ପାରିବେ ନାହିଁ ।



କୁଣ୍ଡରେ ପାଣି ପ୍ରତ୍ୟେକ ଦିନ ଦିଆଯାଇଛି । କୁଣ୍ଡରେ ପ୍ରତ୍ୟେକ ଦିନ ଦିଆଯାଇ ନାହିଁ ।

ତା'ହେଲେ ଆମେ ଜାଣିଲେ ଯେ ଗଛଲତା, ପଶୁପକ୍ଷୀ ଓ ମଣିଷ କେହି ଜଳ ବିନା ବଞ୍ଚିପାରିବେ ନାହିଁ । **ଏଣୁ ଜଳର ଅନ୍ୟ ନାମ ଜୀବନ ।**

ଏବେ ତମେ ଚିନ୍ତା କର । ଏତେ ଜଳ ଆମେ କେଉଁଠାରୁ ପାଉ ? ଯଦି ଦେଖିଛ ଓ ଜାଣିଛ ତେବେ ତଳେ ଲେଖ ।





ଚିତ୍ରଗୁଡ଼ିକରେ କ'ଣ ଦେଖୁଛ ଲେଖ ।

____________________ ____________________

____________________ ____________________

ତା'ହେଲେ ସମୁଦ୍ର, ନଈ ଓ ପୋଖରୀର ଜଳ ସୂର୍ଯ୍ୟକିରଣଦ୍ୱାରା ଉତ୍ତପ୍ତ ହେଲେ ବାଷ୍ପ ହୋଇ ଉପରକୁ ଉଠିଯାଇ ଆକାଶରେ ମେଘ ଗଠନ କରେ । ସେହି ମେଘରୁ ବର୍ଷା ହୋଇ ବର୍ଷା ଜଳ ପୃଥିବୀ ପୃଷ୍ଠରେ ପଡ଼େ । ବର୍ଷା ଜଳର କେତେକ ଅଂଶ ମାଟି ଭେଦି ମାଟିତଳକୁ ଯାଇ ସେଠାରେ ସଞ୍ଚିତ ହୋଇ ରହେ । ବାକି ଅଂଶତକ ନଦୀନାଳରେ ବହିଯାଇ ସମୁଦ୍ରରେ ପଡ଼େ ଓ ପୋଖରୀ, ଗାଡ଼ିଆରେ ଜମା ହୋଇ ରହେ ।

କୂଅ ବା ନଳକୂଅ ଦେଇ ମାଟିତଳେ ଥିବା ଜଳ ଆମେ ସଂଗ୍ରହ କରିଥାଉ । ମାଟିତଳେ ଥିବା ଜଳ ବେଳେବେଳେ ଆପେ ଆପେ ଭୂପୃଷ୍ଠର ଫାଟବାଟେ ଉପରକୁ ଉଠିଆସି ବହିଯାଏ । ଏହାକୁ **ଝରଣା** କୁହାଯାଏ । ଏହି ଝରଣା ଜଳକୁ ମଧ୍ୟ ଆମେ ସଂଗ୍ରହ କରି ବିଭିନ୍ନ କାମରେ ଲଗାଉ । ଆମେ ତେବେ ଜାଣିଲେ, ଜଳ ମାଟିତଳେ, ମାଟି ଉପରେ ଓ ଆକାଶରେ ମେଘରେ ଅଛି । ଏଣୁ **ଜଳର ଉତ୍ସଗୁଡ଼ିକ ହେଉଛି - କୂଅ, ପୋଖରୀ, ସମୁଦ୍ର, ହ୍ରଦ, କେନାଲ, ନଦୀ, ଝରଣା, ନଳକୂପ, ମେଘ ଓ ମାଟିତଳେ ଥିବା ଜଳ ।**

**ଜଳର ସ୍ଥାନୀୟ ଉତ୍ସ :-** ତୁମର ସାହି / ଗାଁରେ ଥିବା ଜଳର ଉତ୍ସଗୁଡ଼ିକୁ ମନେପକାଇ ତଳେ ଲେଖ ।

__________ __________ __________ __________




ଚିତ୍ରରେ - ତୁମେ କ'ଣ ଦେଖୁଛ ?

ତୁମେ ଏପରି କର କି ?

ଏହିଭଳି ପରିସ୍ଥିତିରେ ତୁମେ କ'ଣ କରିବ ?

ଶିକ୍ଷକଙ୍କ ପାଇଁ ସୂଚନା - ଚିତ୍ର ଦୁଇଟିକୁ ତୁଳନା କରି ଶ୍ରେଣୀରେ ଆଲୋଚନା କରିବେ ।

ଚିତ୍ରରେ ଦେଖା ହେଲା ଭଳି – ତୁମେ କଳ ତଳେ ମଗ ରଖି ବୁନ୍ଦା ବୁନ୍ଦା ପାଣି ସଂଗ୍ରହ କର ।



ଲକ୍ଷ୍ୟ କର – ମଗଟି ଭର୍ତ୍ତିହେବା ପାଇଁ କେତେ ସମୟ ଲାଗୁଛି ? ______________________

କେତେ ମଗ୍ ପାଣିରେ ବାଲ୍‌ଟି ଭର୍ତ୍ତି ହେଉଛି ? ______________________

**ହିସାବ କରି ଦେଖ :** ଏକ ଘଣ୍ଟାରେ କେତେ ମଗ୍ ପାଣି ନଷ୍ଟ ହୋଇଛି । ତାହେଲେ ଗୋଟିଏ ଦିନରେ କେତେ ପାଣି ନଷ୍ଟ ହେଉଛି । ଏମିତି ଦଶଟି କଳରେ କେତେ ପାଣି ନଷ୍ଟ ହେଉଥିବ ?

ଜଳକୁ ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ବ୍ୟବହାର କରିଥାଆନ୍ତି । ଆମେ ମନଇଚ୍ଛା ଜଳ ବ୍ୟବହାର କରିଥାଉ । ଫଳରେ ଦିନକୁ ଦିନ ପୃଥିବୀରୁ ଜଳ କମିଯାଉଛି । ଅର୍ଥାତ୍ କୂଅ, ପୋଖରୀ, ହ୍ରଦ, ସମୁଦ୍ର, ନଦୀ, ଝରଣା, ନଳକୂପ ଓ ମାଟିତଳ ଜଳ କମିଯାଇ ଆସ୍ତେ ଆସ୍ତେ ଶୁଖିଯିବ । ଏଥିପାଇଁ ଆମେ ସମସ୍ତେ ସଚେତନ ହେବା ଉଚିତ । କେବଳ ଦରକାର ଅନୁଯାୟୀ ଜଳ ବ୍ୟବହାର କରିବା, ପାଣିକଳ ଖୋଲାଥିଲେ ତାକୁ ବନ୍ଦ କରିବା, ଅଯଥାରେ ପାଣି ଢାଳିବା ନାହିଁ, ଖୁବ୍ କମ୍ ପାଣିରେ ନିଜର ନିତ୍ୟକର୍ମ ସାରିବାକୁ ଅଭ୍ୟାସ କରିବା ।

ପାଣିର ଅଭାବ ହେଲେ କି କି ଅସୁବିଧା ହେବ ? ଲେଖ : ______________________

______________________________________________

______________________________________________

______________________________________________

**ଶିକ୍ଷକଙ୍କ ପାଇଁ ସୂଚନା**– • ଉପର କାମଟିକୁ ଘରେ କରି ଆସିବା ପାଇଁ ପ୍ରତ୍ୟେକ ପିଲାଙ୍କୁ କହିବେ । ଶିକ୍ଷକ ଯେକୌଣସି ଗୋଟିଏ ପିଲାର ହିସାବକୁ ଉଦାହରଣ ଭାବେ କଳାପଟାରେ ଲେଖିବେ । ସେହି ଅନୁସାରେ ପ୍ରତ୍ୟେକ ପିଲା ନିଜ ନିଜର ହିସାବ କରିବେ ।
• ଶିକ୍ଷକ ଥରେ ବ୍ୟବହାର ହୋଇଥିବା ପାଣିକୁ ପୁନର୍ବାର ବ୍ୟବହାର କରିବା ବିଷୟରେ ପିଲାମାନଙ୍କ ସହିତ ଆଲୋଚନା କରିବେ ।

## ଅଭ୍ୟାସ

୧. ଜଳର ବ୍ୟବହାରଗୁଡ଼ିକ ଲେଖ ।

________________________________________

________________________________________

________________________________________

୨. ଜଳ ବ୍ୟବହାରରେ କି କି ସାବଧାନତା ଅବଲମ୍ବନ କରିବ ଲେଖ ।

________________________________________

________________________________________

୩. ତୁମ ଗାଁ / ସାହିରେ କେଉଁଠାରୁ ଜଳ ଆଣ ?

____________ ____________ ____________

### ତୁମ ପାଇଁ କାମ -

୧. ଜଳ ବଞ୍ଚାଅ - ଖଣ୍ଡେ କାର୍ଡ଼ବୋର୍ଡ଼ରେ ଲେଖି ତାକୁ ହାତରେ ଧରି ତୁମେ ଦଳଗତଭାବେ ତୁମ ସାହି / ଗ୍ରାମରେ ବୁଲ । (ଏହି କାମ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ହେବ) ।

୨. ଖବର କାଗଜରେ 'ଜଳାଭାବ' ବିଷୟବସ୍ତୁକୁ ନେଇ ବାହାରୁଥିବା ଲେଖାଗୁଡ଼ିକୁ କାଟି ତୁମ ଖାତାରେ ଅଠାଦେଇ ଲଗାଅ । ଶ୍ରେଣୀରେ ଏହି ଲେଖା ଉପରେ ଆଲୋଚନା କର ।

୩. ଜଳ ସଂରକ୍ଷଣ ଦିବସ ତୁମ ବିଦ୍ୟାଳୟରେ ପାଳନ କର ।



# ଜଳ ଦୂଷିତ ହୁଏ କିପରି ?

କ'ଣ ହେବ ପରୀକ୍ଷା କରି ଖାଲି ଘରେ ଲେଖ ।

← ଜଳରେ ହାତ ବୁଡ଼ାଇଲେ

← ଜଳରେ ପଚା ସଢ଼ା ଜିନିଷ ମିଶିଲେ

← ଜଳରେ କାଠି କୁଟା ପକାଇଲେ

← ଜଳରେ ଧୂଳି ଓ ମାଟି ପକାଇଲେ



ଚିତ୍ର ଦେଖି ପୋଖରୀରେ ହେଉଥିବା କାମର ତାଲିକା କର ।

(୧) ଲୁଗା ସଫା କରିବା (୩) ____________________

(୨) ____________________ (୪) ____________________

ସେଗୁଡ଼ିକ ମଧ୍ୟରୁ କେଉଁ କେଉଁ କାମ ପୋଖରୀ ଜଳକୁ ଦୂଷିତ କରୁଛି ଲେଖ ।

ଶିକ୍ଷକଙ୍କ ପାଇଁ ସୂଚନା – ଶିକ୍ଷକ ଏକ ଗ୍ଲାସ ପାଣି ନେଇ ପରୀକ୍ଷାଟିକୁ କରିବେ ।

ଏବେ ଆଉ ଏକ ପୋଖରୀକୁ ଚିତ୍ରରେ ଦେଖିବା ।



ପୂର୍ବ ପୃଷ୍ଠା ଓ ଉପର ଚିତ୍ରରେ ଥିବା ପୋଖରୀ ମଧ୍ୟରୁ କେଉଁ ପୋଖରୀରେ ତୁମେ ଗାଧୋଇବାକୁ ପସନ୍ଦ କରିବ ଓ କାହିଁକି ଲେଖ ।

________________________________________________________

________________________________________________________

ନିମ୍ନଲିଖିତ କାରଣରୁ ପୋଖରୀ ଜଳ ଦୂଷିତ ହୁଏ ।

(୧) ପୋଖରୀ ହୁଡ଼ାରେ ଝାଡ଼ା ଫେରିଲେ

(୨) ପୋଖରୀରେ ନଳିତା ସଢ଼ାଇଲେ

(୩) ଲୁଗା ସଫା କଲେ

(୪) ଗୋରୁ, ମଇଁଷିକୁ ଗାଧୋଇ ଦେଲେ

(୫) ଶୌଚ ହେଲେ

(୬) ଦଳ ଓ ପଙ୍କ ସଫା ନ କଲେ

(୭) ପୋଖରୀ ହୁଡ଼ାରେ ବାସନ ମାଜିଲେ

(୮) ମାଛ ଚାଷପାଇଁ ଗୋବର ପିଡ଼ିଆ ଓ ମାଛ ଖାଦ୍ୟ ପୋଖରୀରେ ପକାଇଲେ

(୯) ପୋଖରୀ ହୁଡ଼ାରେ ଗଛ ଥିଲେ

(୧୦) ପୋଖରୀରେ ଅଳିଆ ଓ ଆବର୍ଜନା ପକାଇଲେ

(୧୧) ଗାଁ'ର ନାଳ ନର୍ଦ୍ଦମା ଓ ଗୁହାଳ ପାଣିକୁ ପୋଖରୀକୁ ଛାଡ଼ିଲେ



ଚିତ୍ର ଦେଖି ଲେଖ, କେଉଁ କେଉଁ କାରଣରୁ ନଦୀଜଳ ଦୂଷିତ ହୁଏ ? ____________

________________________________


________________________________

________________________________


________________________________

________________________________

କୂଅ ଜଳ କେଉଁ କାରଣରୁ ଦୂଷିତ ହୁଏ ଚିତ୍ରରେ ଥିବା ଲେଖାକୁ ପଢ଼ି ବାଛି କରି ନିଜ ଖାତାରେ ଲେଖ ।



ନଳକୂପ ଜଳ ଦୂଷିତ ହେବାର କାରଣ ଲେଖ ।



କ'ଣ କଲେ ବିଭିନ୍ନ ଉତ୍ସର ଜଳ ଦୂଷିତ ହେବ ନାହିଁ ଚିନ୍ତା କରି ଲେଖ ।

କୂଅ ଜଳ : ____________________

____________________

ପୋଖରୀ ଜଳ : ____________________

____________________

ନଦୀ ଜଳ : ____________________

____________________

## ଅଭ୍ୟାସ

୧. ଜଳ ଦୂଷିତ ହେବାର କାରଣ ଗୁଡ଼ିକ ଲେଖ ।

____________________

____________________

____________________

____________________

____________________

____________________

____________________

୨. ତୁମ ବିଦ୍ୟାଳୟରେ ଥିବା ନଳକୂପର ଜଳ ଦୂଷିତ ନହେବା ପାଇଁ ତୁମେ କ'ଣ କରିବ, ଲେଖ।

______________________________________________________

______________________________________________________

୩. କୂଅରେ ବ୍ଲିଚିଂ ପାଉଡ଼ର / ଫିଟିକିରି / କ୍ଲୋରିନ କାହିଁକି ପକାଯାଏ ?

______________________________________________________



**ତୁମପାଇଁ କାମ -**

ତୁମେ ତୁମ ଅଞ୍ଚଳରେ ଥିବା କୂଅ, ନଳକୂଅ ବା ପୋଖରୀ ପାଖକୁ ଯାଇ, ସେଠିକାର ଜଳ କିପରି ଦୂଷିତ ହେଉଛି, ଖାତାରେ ଲେଖିକରି ଆଣ ଓ ଶ୍ରେଣୀରେ ଆଲୋଚନା କର।

